# ଜାତୀୟ ପେନସନ ଯୋଜନା ଉପରେ ଆଇସିଏମଏର କର୍ମଶାଳା

**ଭୁବନେଶ୍ୱର,ତା୨୪।୭(ପିଏନଏସ):** ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଟ'ସ ଅଫ୍ ଇଣ୍ଡିଆ-ଭୁବନେଶ୍ୱର ଚାପ୍ଟର ଏବଂ ଏନ୍ଏସଡିଏ ଇ-ଗଭର୍ଣ୍ଣାନ୍ସ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ମିଳିତ ଉଦ୍ୟୋଗରେ ଆଜି ଜାତୀୟ ପେନସନ ଯୋଜନା ଉପରେ ଏକ କର୍ମଶାଳା ଭୁବନେଶ୍ୱର ଚାପ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଟ'ସ ଅଫ୍ ଇଣ୍ଡିଆ-କୋଲକାତାର ସଭାପତି ସି.ଏମ. ଏ ମାନସ କୁମାର ଠାକୁର, ସି.ଏମଏ ନିରଞ୍ଜନ ମିଶ୍ର, କାଉନସିଲ ମେମ୍ବର ସିଏମଏ ଶିବପ୍ରସାଦ ପାଢ଼ୀ, (ଚେୟାରମ୍ୟାନ, ଆଇସିଏଆଇ ଇଆଇଆରସି କୋଲକାତା), ସିଏମଏ ସି. ଭେଙ୍କଟ ରମଣ (ଚେୟାରମ୍ୟାନ ପ୍ରଫେସନାଲ ଡେଭଲପମେଣ୍ଟ କମିଟି), ସିଏମଏ ଦାମୋଦର ମିଶ୍ର, ସେକ୍ରେଟାରୀ ଭୁବନେଶ୍ୱର ଚାପ୍ଟର ପ୍ରମୁଖ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଭୁବନେଶ୍ୱର ଚାପ୍ଟରର ଚେୟାରମ୍ୟାନ ସିଏମଏ ଶିବ ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବାବେଳେ ସିଏମଏ ବିଭୂତି ଭୂଷଣ ନାୟକ, କାର୍ଯ୍ୟକ୍ରମ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ। ଏହି କର୍ମଶାଳାରେ ସିଏମଏ ମାନସ କୁମାର ଠାକୁର ନବନିର୍ବାଚିତ ସଭାପତି ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ କୋଲକାତାକୁ ସମ୍ବର୍ଦ୍ଧିତ କରାଯାଇଥିଲା।

